ଭାଷାରେ ଅନୁବାଦିତ ହୋଇସାରିଛି । ଏହାର ଆଧ୍ୟାତ୍ମିକ ସଜୀବତାକୁ ପ୍ରତିପାଦନ କରିବା ପାଇଁ ଏହାର କ୍ଷମତା ଏବଂ ଏହାର [illegible]-ନିର୍ବାଚିତ ପ୍ରଶାସନର ପ୍ରଭାବକୁ ପ୍ରଦର୍ଶନ କରିବା ପାଇଁ ଏହାର ମହାନତା ଏହିଭଳି ଅଟେ ।



ବାହା'ଇ ଶିକ୍ଷାବଳୀ :

ବାହା'ଉ'ଲ୍ଲାହଙ୍କ ଦ୍ୱାରା ପ୍ରଦତ୍ତ କେତେକ ଶିକ୍ଷାବଳୀ ନିମ୍ନରେ ବର୍ଣ୍ଣନା କରାଗଲା ।

1. **ମାନବଜାତିର ଏକତ୍ୱ**—ବାହା'ଉ'ଲ୍ଲାହଙ୍କ ସମସ୍ତ ଶିକ୍ଷା ମଧ୍ୟରେ ମାନବଜାତିର ଏକତ୍ୱର ମୂଳନୀତି ହେଉଛି ଏକ ପ୍ରଦୀପ୍ତ ଦଣ୍ଡ ସଦୃଶ 'ବିଶ୍ୱ ଏକତା' ମାନବଜାତି ପରିପକ୍ୱତାଗାମୀ କ୍ରମବିକାଶର ଶେଷ ଅବସ୍ଥା ଅଟେ ଏବଂ ଏହା ବର୍ତ୍ତମାନ ଜୀବନର କେନ୍ଦ୍ରୀୟ ଅଧିଷ୍ଠିତ ଗତି ସ୍ୱରୂପରେ ଏହି ମାନବଜାତିର ଏକତ୍ୱର ବ୍ୟକ୍ତିଗତ ସ୍ୱୀକୃତି ଉପରେ ନିର୍ମାଣ କରାଯିବ ।
2. **ସତ୍ୟର ସ୍ୱାଧୀନ ଅନୁସନ୍ଧାନ**—ମାନବ ଇତିହାସରେ ପ୍ରଥମ ଥର ପାଇଁ 'ସତ୍ୟର ସ୍ୱାଧୀନ ଅନୁସନ୍ଧାନ' ଏକ ବାସ୍ତବ ସାମ୍ଭବ୍ୟ ହୋଇପାରିଛି । କୌଣସି ବ୍ୟକ୍ତି ଅନ୍ଧଭାବରେ ଅନ୍ୟମାନଙ୍କ ଶିକ୍ଷା ଦ୍ୱାରା ଗ୍ରହଣ କରିବା ବିଶ୍ୱାସ ଅପେକ୍ଷା ନିଜର ସ୍ୱାଧୀନ ଅନୁସନ୍ଧାନ ଅତ୍ୟଧିକ ପ୍ରୟୋଜନୀୟ ଏବଂ ଆବଶ୍ୟକ ଅଟେ ।
3. **ସମସ୍ତ ଧର୍ମର ଭିତ୍ତି ଭୂମି ଏକ**—ବାହା'ଇମାନେ ବିଶ୍ୱାସ କରନ୍ତି ଯେ ପୃଥିବୀର ସମସ୍ତ ମୁଖ୍ୟ ଧର୍ମ ଗୁଡିକ ସ୍ୱର୍ଗୀୟ ଅଟେ । ବିଭିନ୍ନ ସ୍ଥାନରେ ବିଭିନ୍ନ ଯୁଗରେ ମାନବର ଆବଶ୍ୟକତା ଏବଂ ସାମର୍ଥ୍ୟ ଅନୁଯାୟୀ ଏହି ଧର୍ମ ସବୁ ପରମେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ହୋଇଆସିଛନ୍ତି ।
4. **ବିଜ୍ଞାନ ଓ ଧର୍ମ ମଧ୍ୟରେ ଆବଶ୍ୟକୀୟ ଐକ୍ୟତାନ**—ବାହା'ଉ'ଲ୍ଲାହ ଶିକ୍ଷା ଦିଅନ୍ତି ଯେ, ଧର୍ମ ଓ ବିଜ୍ଞାନ ପରସ୍ପର ସହିତ ମିଳିତ ଅଟନ୍ତି । ଯଥାର୍ଥ ଧର୍ମ ଏବଂ ଯଥାର୍ଥ ବିଜ୍ଞାନ କଦାପି ପରସ୍ପର ମଧ୍ୟରେ ବିରୋଧ କରିନାହାନ୍ତି ସେମାନେ ସତ୍ୟର ଅବିଚ୍ଛେଦ୍ୟ ଅଙ୍ଗ ଅଟନ୍ତି ।
5. **ସ୍ତ୍ରୀ ଓ ପୁରୁଷ ମଧ୍ୟରେ ସମାନତା**—ପ୍ରଥମ ଥର ପାଇଁ ସ୍ୱୀକୃତ ଧର୍ମ ଇତିହାସରେ ବାହା'ଉ'ଲ୍ଲାହ ସ୍ତ୍ରୀ ପୁରୁଷ ମଧ୍ୟରେ ସମାନତା ଘୋଷଣା କରିଛନ୍ତି । ଏହି ଘୋଷଣାକୁ ବାହା'ଉ'ଲ୍ଲାହ ଏକ ଆଦର୍ଶ ତଥା ମହତ୍ତ୍ୱ ଆକାଂକ୍ଷା ସ୍ୱରୂପରେ ପ୍ରକାଶ କରିନାହାନ୍ତି ମାତ୍ର ତାଙ୍କର ସାମାଜିକ ଶୃଙ୍ଖଳା ମଧ୍ୟରେ ଏକ ମୌଳିକ ଉପାଦାନ ସ୍ୱରୂପରେ ନିର୍ଦ୍ଧାରିତ କରିଛନ୍ତି । ବାହା'ଉ'ଲ୍ଲାହ ନିୟମ ଦ୍ୱାରା ଏହାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି ଯାହାକି ପୁରୁଷ ସହିତ ନାରୀ ଶିକ୍ଷାକୁ ଏବଂ ସମାଜରେ ସମାନ ଅଧିକାର ପାଇବା ପାଇଁ ଅବଗତ କରାଉଛି ।
6. **ସମସ୍ତ ପ୍ରକାର କୁସଂସ୍କାରର ବର୍ଜନ** — ମାନବଜାତି ଏକତ୍ୱର ଚେତନା କୁସଂସ୍କାର ଦୂରକରିବାର ବାସ୍ତବ ଉପକ୍ରମ ଅଟେ । ଜଣେ ବ୍ୟକ୍ତି ଥରେ ଯଦି ମାନବଜାତି ଏକତ୍ୱର ଆଧ୍ୟାତ୍ମିକ ଚେତନା ହାସଲ କରନ୍ତି ସେ ତାଙ୍କ ବ୍ୟକ୍ତିଗତ କୁସଂସ୍କାରକୁ ସହଜରେ ଭୁଲିଯାଇପାରିବେ ।
7. **ସାର୍ବଜନୀନ ବାଧ୍ୟତାମୂଳକ ଶିକ୍ଷା**—ଜ୍ଞାନ ମଣିଷ ପ୍ରତି ଭଗବାନଙ୍କର ଏକ ମହାନ ଉପହାର ଅଟେ ଯେଉଁମାନେ ଏହି ଜ୍ଞାନ ହାସଲ କରିବାରୁ ନିଜକୁ ବଞ୍ଚିତ କରନ୍ତି ସେମାନେ ଅନ୍ୟମାନଙ୍କ ଅପେକ୍ଷା ସୀମିତ ଜୀବନଯାପନ କରନ୍ତି ।
8. **ବିଶ୍ୱଶାନ୍ତି**—ମାନବଜାତିର ଏକତ୍ୱକୁ ତ୍ୱରାନ୍ୱିତ କରିବା ଏବଂ ବିଶ୍ୱଶାନ୍ତିକୁ ପ୍ରତିଷ୍ଠା କରାଇବା ପାଇଁ ବ୍ୟବସ୍ଥା କରିବା ବାହା'ଇ ଧର୍ମର ନିୟମାବଳୀର ମୌଳିକ ଉଦ୍ଦେଶ୍ୟ ଅଟେ ।

ଅନ୍ୟ କେତେକ ଶିକ୍ଷାବଳୀ

କ) ଏକ ସହାୟକ ବିଶ୍ୱ ଭାଷାର ପ୍ରଚଳନ ।
ଖ) ଅତ୍ୟଧିକ ଧନାଢ୍ୟତା ଓ ଦାରିଦ୍ର୍ୟତାର ନିରାକରଣ ।
ଗ) ଦେଶ ଦେଶ ମଧ୍ୟରେ କଳହର ସମାଧାନ ପାଇଁ ଅନ୍ତର୍ଜାତୀୟ ବିଚାର ମଣ୍ଡଳୀର ପ୍ରତିଷ୍ଠା ।
ଘ) ମଣିଷ ସମାଜ ମଧ୍ୟରେ ମୁଖ୍ୟ ପ୍ରଚଳିତ ନିୟମ ସ୍ୱରୂପରେ ନ୍ୟାୟର ଗୌରବାନ୍ୱିତତା ।
ଙ) ସେବାର ମନୋଭାବ ସହିତ କାର୍ଯ୍ୟ ସମ୍ପାଦନ ଉପାସନାର ସ୍ଥାନ ଗ୍ରହଣ କରେ ।
ଚ) ଧର୍ମ ସମସ୍ତ ମାନବ ଓ ବସ୍ତୁମାନଙ୍କୁ ଦୁର୍ଗ ସଦୃଶ ନିରାପତ୍ତା ପ୍ରଦାନ କରିଥାଏ ।
ଛ) ଅର୍ଥନୈତିକ ସମସ୍ୟାର ଆଧ୍ୟାତ୍ମିକ ସମାଧାନ ରହିଛି ।
ଜ) ନିଜ ଦେଶର ସରକାରଙ୍କ ପ୍ରତି ସମ୍ପୂର୍ଣ୍ଣ ଅନୁଗତ୍ୟ ସ୍ୱୀକାର ।

> **"ନିଜ ଦେଶକୁ ଯେ ଭଲପାଏ ସେ ଗର୍ବ ଅନୁଭବ ନକରନ୍ତୁ, ବରଂ ସେ ଗର୍ବ ଅନୁଭବ କରିବା ଉଚିତ ଯେ ସମଗ୍ର ବିଶ୍ୱକୁ ଭଲ ପାଆନ୍ତି । ପୃଥିବୀ ଗୋଟିଏ ଦେଶ ତଥା ମାନବଜାତି ଏହାର ନାଗରିକ ଅଟେ ।"**
>
> **—ବାହା'ଉ'ଲ୍ଲାହ**

ଏହି ସଂକ୍ଷିପ୍ତ ଆଲୋଚନା ସହିତ ଆପଣ ଓ ଆପଣଙ୍କ ପରିବାର ନିମିତ୍ତ ବାହା'ଇ ଧର୍ମ ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ଆପଣଙ୍କୁ ଆମେ ଆମନ୍ତ୍ରଣ କରୁଛୁ ଏବଂ ଏହାର ବିଭିନ୍ନ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ବିଚାର କରନ୍ତୁ ।

ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :

ବାହା'ଇ ଉପାସନା ମନ୍ଦିର
ବାହାପୁର, କାଲକାଜୀ,
ନୂଆ ଦିଲ୍ଲୀ-110 019
ଫୋନ : 6444029, 6444035

କିମ୍ବା

ରାଜ୍ୟ ବାହା'ଇ ପରିଷଦ, ଓଡ଼ିଶା
ବାହା'ଇ ଭବନ,
ପ୍ଲଟ ନଂ-8, ୟୁନିଟ-8
ଭୁବନେଶ୍ୱର-751 012
ଫୋନ : 403 693

The Bahá'í Faith
www.bahai.org • 1-800-22UNITE

The Bahá'í House of Worship
100 Linden Ave., Wilmette, IL 60091
how@usbnc.org • www.bahaitemple.org
(847) 853-2300

ବାହା'ଇ ଧର୍ମ

ଏକ ସଂକ୍ଷିପ୍ତ ଉପକ୍ରମଣିକା



ବାହା'ଇ ଧର୍ମ

ବାହା'ଇ ଧର୍ମ ଏକ ସ୍ୱାଧୀନ ବିଶ୍ୱଧର୍ମ ଯାହାକି ଉଦ୍ଭବରେ ସ୍ୱର୍ଗୀୟ, କାର୍ଯ୍ୟସୀମାରେ ସର୍ବ-ଅନ୍ତର୍ଭୁକ୍ତକାରୀ, ଦୃଷ୍ଟିଭଙ୍ଗୀରେ ବ୍ୟାପକ, ମୂଳନୀତିରେ ଜନହିତୈଷୀ ଏବଂ ମାନବହୃଦୟ ଓ ଅନ୍ତର୍ଭୂତ ଉପରେ ବିଶ୍ୱାସ କରୁଥିବା ପ୍ରଭାବରେ ଶକ୍ତିଶାଳୀ ଅଟେ । ଏହା ଭଗବାନଙ୍କ ଏକତ୍ୱର ସମର୍ଥନ କରେ, ତାଙ୍କ ଅବତାରଗଣଙ୍କ ଏକତ୍ୱରେ ବିଶ୍ୱାସ କରେ ଏବଂ ସମଗ୍ର ମାନବଜାତିର ଏକତ୍ୱର ମୂଳନୀତିର ଶିକ୍ଷାଦିଏ ।

ବାହା'ଇ ଧର୍ମର ଏକ ସଂକ୍ଷିପ୍ତ ଇତିହାସ

ପ୍ରତିଯୁଗରେ ଭଗବାନଙ୍କ ସର୍ଜନାତ୍ମକ ବାଣୀ ମାନବଜାତି ପ୍ରତି ତାଙ୍କ ଅବତାର ତଥା ଦୂତମାନଙ୍କ ମାଧ୍ୟମରେ ପ୍ରଦତ୍ତ ହୋଇଥାଏ । ବାହା'ଇ ଧର୍ମର ତିନିଗୋଟି କେନ୍ଦ୍ରୀୟ ଚରିତ୍ର ରହିଛନ୍ତି ମହାତ୍ମା ବାବ୍ (1819-1850), ବାହା'ଉ'ଲ୍ଲାହ (1817-1892) ଏବଂ ଅବଦୁ'ଲ୍-ବାହା (1844-1921) ।

ମହାତ୍ମା ବାବ୍

1844 ମସିହା ମେ ମାସ 23 ତାରିଖରେ ପାରସ୍ୟରେ (ଇରାନ) ଜଣେ [illegible] ଯୁବକ ନିଜକୁ ବାବ (ଈଶ୍ୱରଙ୍କ ଦ୍ୱାର) ବୋଲି ପରିଚୟ ଦେଇ ଘୋଷଣା କଲେ ଯେ ସେ ନିଜେ ଜଣେ ନୂତନ



ଆଧ୍ୟାତ୍ମିକବାଦୀ ଚରିତ୍ରଙ୍କର ଆବିର୍ଭାବର ବାର୍ତ୍ତାବହନ କରୁଛନ୍ତି ଏବଂ ତାଙ୍କ ପଥ ପ୍ରସ୍ତୁତ କରିବା ପାଇଁ ସେ ଅଗ୍ରଦୂତ ଅଟନ୍ତି । ତାଙ୍କର ଶିକ୍ଷା ଦୁର୍ବୋଧ ଓ ସଙ୍କୋଚଜନକ ଥିଲା : ତେଣୁ ଏହା ସମ୍ପ୍ରଦାୟ-ବିରୋଧୀ ମାନଙ୍କ ମହାତ୍ମା ବାବ ନିର୍ଯ୍ୟାତିତ ହେଲେ ଏବଂ ପରିଶେଷରେ । 1850 ମସିହାରେ ଶହୀଦତ୍ୱ ବରଣ କଲେ । ପରବର୍ତ୍ତୀ ଦୁଇ ଦଶନ୍ଧିରେ, 20,000 ହଜାରରୁ ଊର୍ଦ୍ଧ୍ୱ ବାବଙ୍କ ଅନୁଗାମୀଗଣ ପାଶବିକ ଭାବେ ହତ୍ୟାକରାଯାଇଥିଲେ ।

ବାହା'ଉ'ଲ୍ଲାହ

ବାହା'ଉ'ଲ୍ଲାହ (ଈଶ୍ୱରଙ୍କ ଜ୍ୟୋତି) ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ଏବଂ ବାଲ୍ୟାବସ୍ଥାରୁ ତାଙ୍କର ଅସାଧାରଣ ଦକ୍ଷତା, ବୁଦ୍ଧିମତ୍ତା ଏବଂ ଜ୍ଞାନ ପାଇଁ ସେ ଅନ୍ୟମାନଙ୍କ ଠାରୁ ଭିନ୍ନଥିଲେ । ବାବଙ୍କ ଧର୍ମକୁ ସମର୍ଥନ କରିବା ଯୋଗୁଁ ସେ ନିର୍ଯ୍ୟାତିତ ହେଲେ ଓ ବନ୍ଦୀତ୍ୱ ବରଣ କରିଥିଲେ । 1853 ମସିହାରେ, ବନ୍ଦୀଶାଳାରେ ସେ ସୂଚନା ପାଇଥିଲେ ଯେ ବାବଙ୍କ ଦ୍ୱାରା ପୂର୍ବକଥିତ ପ୍ରତିଶ୍ରୁତ ପୁରୁଷ ସେ ନିଜେ ଅଟନ୍ତି । 1863 ମସିହାରେ, ଯେତେବେଳେ ସେ ବାଗଦାଦର ବନ୍ଦୀଶାଳାରେ ଥିଲେ, ସେ ପ୍ରତିଶ୍ରୁତ ଅବତାର ବୋଲି ପ୍ରକାଶ୍ୟ ଭାବରେ ଘୋଷଣା କରିଥିଲେ । ଧର୍ମଯାଜକମାନଙ୍କ ଦ୍ୱାରା ସେ ଅବିଶ୍ରାନ୍ତ ଭାବରେ ନିର୍ଯ୍ୟାତିତ ହେଲେ ଓ ବାଗଦାଦରୁ କନଷ୍ଟାଣ୍ଟିନୋପଲ୍, ପରେ ଆଡ୍ରିଆ ନୋପଲ୍ ଏବଂ ପରିଶେଷରେ 1863 ମସିହାରେ ପାଲେଷ୍ଟାଇନର ଆକ୍କା ସହରକୁ ନିର୍ବାସିତ ହେଲେ । ବାହା'ଉ'ଲ୍ଲାହ 1892 ମସିହାରେ ସ୍ୱର୍ଗାରୋହଣ କଲେ ଏବଂ ତାଙ୍କର ଶରୀରକୁ କାର୍ମେଲ ପର୍ବତ ସମ୍ମୁଖରେ, ବାହଜୀ ଠାରେ ଅବସ୍ଥାପିତ କରାଯାଇଥିଲା ।

ବାହା'ଉ'ଲ୍ଲାହଙ୍କର ଜୀବନକାଳ ମଧ୍ୟରେ ତାଙ୍କର ଧର୍ମ ପାରସ୍ୟ ଓ ଅଟୋମାନ ସାମ୍ରାଜ୍ୟ ଠାରୁ କକେସସ୍, ତୁର୍କି, ଭାରତ, ବର୍ମା, ଇଜିପ୍ଟ ଏବଂ ସୁଦାନ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ତାଙ୍କର ବନ୍ଦୀତ୍ୱ ସମୟରେ ବାହା'ଉ'ଲ୍ଲାହ ଏକ ହଜାରରୁ ଅଧିକ ପ୍ରେରଣା ପ୍ରଦାୟକ ଲେଖନୀ ପ୍ରକାଶ କରିଥିଲେ, ସେଗୁଡିକ ତଥା ମହାତ୍ମା ବାବ ଓ ଅବଦୁଲ-ବାହାଙ୍କ ରଚନାବଳୀଗୁଡିକ ବାହା'ଇ ଧର୍ମର ବିସ୍ତୃତ ଲେଖନୀ ଭାବରେ ପ୍ରତିନିଧିତ୍ୱ କରନ୍ତି । ଏହି ଲେଖନୀଗୁଡିକ ଅଦ୍ୱିତୀୟ ଅଟନ୍ତି ଯେହେତୁ ପ୍ରଥମ ଥର ପାଇଁ ପବିତ୍ର ଲେଖନୀରେ ଧର୍ମର ପ୍ରତିଷ୍ଠାତାଙ୍କ ଦ୍ୱାରା ହସ୍ତଲିଖିତ କିମ୍ବା ତନ୍ମଧ୍ୟରେ ତାଙ୍କର ଦସ୍ତଖତ ସହିତ ଥିଲା, ଯାହା ଲେଖା ତାଙ୍କ ସମ୍ପାଦକଙ୍କ ଦ୍ୱାରା ରକ୍ଷିତ ହୋଇଛନ୍ତି ।

ଆବଦୋଲ୍-ବାହ

ବାହା'ଉ'ଲ୍ଲାହ ତାଙ୍କର ଅନ୍ତିମ ଇଚ୍ଛାପତ୍ରରେ ତାଙ୍କ ଜ୍ୟେଷ୍ଠପୁତ୍ର ଅବଦୋଲ-ବାହଙ୍କୁ ବାହା'ଇ ବସତିର କର୍ଣ୍ଣଧାର ଏବଂ ତାଙ୍କ ବାଣୀର କ୍ଷମତାପ୍ରାପ୍ତ ବ୍ୟାଖ୍ୟାକର୍ତ୍ତା ରୂପେ ନିଯୁକ୍ତ କରିଥିଲେ । ଅବଦୋଲ-ବାହ ନଅ ବର୍ଷ ବୟସରୁ (1853 ମସିହାରୁ) ତାଙ୍କ ପିତାଙ୍କ ସହିତ ସମସ୍ତ କାରାଗାର ଗୁଡିକରେ ନିର୍ବାସିତ ହୋଇଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବାହା'ଇ ଧର୍ମ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ଯୁକ୍ତରାଜ୍ୟ ଏବଂ ୟୁରୋପ ମଧ୍ୟରେ ପ୍ରସାର ହୋଇଥିଲା । ସେ 1921 ମସିହା ନଭେମ୍ବର 28 ତାରିଖରେ ହାଇଫା ଠାରେ ସ୍ୱର୍ଗାରୋହଣ କରିଥିଲେ ଏବଂ କାର୍ମେଲ ପର୍ବତ ଉପରେ ବାବଙ୍କ ସମାଧୀ ପୀଠମଧ୍ୟରେ ତାଙ୍କର ମର ଶରୀରକୁ ମଧ୍ୟ ଅବସ୍ଥାପିତ କରାଯାଇଥିଲା ।

ସେ ତାଙ୍କର ଅନ୍ତିମ ଇଚ୍ଛାପତ୍ରରେ ତାଙ୍କର ପୌତ୍ର ଶୋଘୀ ଏଫେଣ୍ଡିଙ୍କୁ ବାହା'ଇ ଧର୍ମର ଅଭିଭାବକ ରୂପେ ନିଯୁକ୍ତ ଦେଇଥିଲେ ଯାହାଫଳରେ ଉଦ୍ଭୂତ ମତଭେଦରୁ ଧର୍ମ ସୁରକ୍ଷିତ ରହିବ ଏବଂ ବିଶ୍ୱାସୀ ମାନଙ୍କ ମଧ୍ୟରେ ଏକତାର ଆଶ୍ୱାସନା ବଂଚିରହିବ ।

ଶୋଘୀ ଏଫେଣ୍ଡି

ଶୋଘୀ ଏଫେଣ୍ଡିଙ୍କ ନିର୍ଦ୍ଦେଶନାରେ ବାହା'ଇ ପ୍ରଶାସନିକ ବ୍ୟବସ୍ଥା ସ୍ଥାପନ ହେଲା ଏବଂ ବିଶ୍ୱ ସାରା ବାହା'ଇ ଧର୍ମ ପ୍ରଚାର ହେଲା । ଈଶ୍ୱରଙ୍କ ଧର୍ମର ଦର୍ଶନତତ୍ତ୍ୱକୁ ଶୋଘୀ ଏଫେଣ୍ଡିଙ୍କ ଲେଖନୀ ସମ୍ପ୍ରସାରିତ କଲା । ଶୋଘୀ ଏଫେଣ୍ଡି ଛତିଶ ବର୍ଷ କାଳ, ତାଙ୍କର ସ୍ୱର୍ଗାରୋହଣ 1957 ମସିହା ନଭେମ୍ବର ମାସ 4 ତାରିଖ ପର୍ଯ୍ୟନ୍ତ ଆଗ୍ରହସହ କଠିନ ପରିଶ୍ରମ କରିଥିଲେ । ଏହିପରି ଭାବରେ ପ୍ରାୟ 113 ବର୍ଷ (1844-1957) ପରମେଶ୍ୱରଙ୍କ ଧର୍ମ ଅବିରାମ ପରିଚାଳନାର ପ୍ରବାହ ଦ୍ୱାରା ପାଳିତ ଏବଂ ସୁରକ୍ଷିତ ହୋଇଥିଲା ଯାହାକି ପୃଥିବୀର ଅନ୍ୟ କୌଣସି ଧର୍ମରେ ହୋଇନାହିଁ ।

ବାହା'ଇ ପ୍ରଶାସନ

ବାହା'ଇ ବସତିଗୁଡିକ ବାହା'ଉ'ଲ୍ଲାହଙ୍କ ଦ୍ୱାରା ପ୍ରଘୋଷିତ ସାଧାରଣ ନିୟମାବଳୀ ଏବଂ ତାଙ୍କ ଦ୍ୱାରା ସୃଷ୍ଟିହୋଇଥିବା ଅନୁଷ୍ଠାନ ମାନଙ୍କ ଭିତ୍ତିରେ ପରିଚାଳିତ ହୋଇଥାଏ । ଏହି ଅନୁଷ୍ଠାନଗୁଡିକ ଅନ୍ତର୍ଜାତୀୟ, ରାଷ୍ଟ୍ରୀୟ ଏବଂ ସ୍ଥାନୀୟ ନିର୍ବାଚିତ ସଂସ୍ଥାମାନଙ୍କ ଦ୍ୱାରା ଅନୁଶାସିତ ହୋଇଥାଏ । ପ୍ରଶାସନିକ ପ୍ରଣାଳୀ ମଧ୍ୟରେ ଦଳଗତ, ପ୍ରାର୍ଥୀ ହେବା ଏବଂ ପ୍ରଚାର କରିବା ନିଷିଦ୍ଧ କରାଯାଇଛି । ବାହା'ଇ ପ୍ରଶାସନରେ ନିଷ୍ପତ୍ତିଗୁଡିକ ବାହା'ଇ ପରାମର୍ଶ ଦ୍ୱାରା ପ୍ରତି ପ୍ରକାର ନିଆଯାଇଥାଏ ଏବଂ ପ୍ରତ୍ୟେକ ନିର୍ବାଚିତ ଅନୁଷ୍ଠାନରେ ପ୍ରତି ନିର୍ବାଚିତ ସଭ୍ୟମାନଙ୍କର ସମାନ ଅଧିକାର ଏବଂ ମତ ବ୍ୟକ୍ତ କରିବାର ଅନିବାର୍ଯ୍ୟ କର୍ତ୍ତବ୍ୟ ରହିଛି ।

ଆନ୍ତର୍ଜାତୀୟ ସ୍ତରରେ : ବିଶ୍ୱନ୍ୟାୟ ମନ୍ଦିର :

ଏହି ଅନୁଷ୍ଠାନର ନଅ ଜଣ ସଦସ୍ୟ ପ୍ରତି ପାଞ୍ଚ ବର୍ଷରେ ଥରେ ପୃଥିବୀର ସମସ୍ତ ଦେଶର ରାଷ୍ଟ୍ରୀୟ ଆଧ୍ୟାତ୍ମିକ ସଭାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ତାଙ୍କ ସ୍ଥାୟୀ କାର୍ଯ୍ୟାଳୟ ହାଇଫା ଠାରୁ ସେ ସମସ୍ତ କାର୍ଯ୍ୟ କରିଥାନ୍ତି ଏବଂ ହାଇଫାକୁ ବାହା'ଇ ବିଶ୍ୱକେନ୍ଦ୍ର କୁହାଯାଏ । ପବିତ୍ରଭୂମି (ଇସ୍ରାଏଲ୍) ବାହା'ଇ ଧର୍ମର ଆଧ୍ୟାତ୍ମିକ କେନ୍ଦ୍ର ଅଟେ କାରଣ ଧର୍ମର ତିନିଜଣ କେନ୍ଦ୍ରୀୟ ଚରିତ୍ରଙ୍କର ମର ଶରୀର ସେଠାରେ ହିଁ ଅବସ୍ଥାପିତ ହୋଇଛି ଏବଂ ବାହା'ଉ'ଲ୍ଲାହଙ୍କର ନିର୍ଦ୍ଧାରଣ ଅନୁଯାୟୀ ବିଶ୍ୱ ଅଳଙ୍କନକାରୀ ପ୍ରଶାସନିକ ଅନୁଷ୍ଠାନଗୁଡିକ ସେଠାରେ ସ୍ଥାପିତ ହୋଇଛି । ବିଶ୍ୱନ୍ୟାୟ ମନ୍ଦିର ଧର୍ମର ପ୍ରଗତି ଏବଂ ବାହା'ଉ'ଲ୍ଲାହଙ୍କର ବାଣୀଗୁଡିକର ଲାଗୁକରଣ ତଥା ବାହା'ଇ ବିଶ୍ୱବ୍ୟାପୀ ବସତିଗୁଡିକ ପ୍ରତି ନିର୍ଦ୍ଦେଶ କରନ୍ତି ।

ରାଷ୍ଟ୍ରୀୟ ସ୍ତରରେ :

ରାଷ୍ଟ୍ରୀୟ ଆଧ୍ୟାତ୍ମିକ ସଭାର ନିର୍ବାଚିତ ନଅ ଜଣ ସଭ୍ୟ ଥାଆନ୍ତି । ରାଷ୍ଟ୍ରୀୟ ସ୍ତରରେ ଏହି ସଭା ବାହା'ଇ ପ୍ରଶାସନିକ କାର୍ଯ୍ୟକଳାପ ପରିଚାଳନା କରନ୍ତି । ପ୍ରତି ବର୍ଷ ବାହା'ଇମାନେ ପ୍ରତିନିଧି ମାନଙ୍କୁ ନିର୍ବାଚନକରି ରାଷ୍ଟ୍ରୀୟ ପ୍ରତିନିଧି ସଭାକୁ ପଠାନ୍ତି ଏବଂ ସେମାନେ ରାଷ୍ଟ୍ରୀୟ ଆଧ୍ୟାତ୍ମିକ ସଭାର ନିର୍ବାଚନ କରନ୍ତି ଏବଂ ଏହି ସଭା ତାଙ୍କ ରାଷ୍ଟ୍ରରେ ବାହା'ଇ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରାନ୍ତି ଏବଂ ପରିଚାଳନା କରନ୍ତି ତଥା ଧର୍ମର ସାଧାରଣ ବ୍ୟାପାରାବଳୀର ନିର୍ଦ୍ଦେଶନା ଦେଇଥାନ୍ତି ।

ସ୍ଥାନୀୟ ସ୍ତରରେ :

ବାହା'ଇ ବସତିର ପ୍ରଶାସନ ପଦ୍ଧତି ସ୍ଥାନୀୟ ସ୍ତରରୁ ନିର୍ବାଚନ ମାଧ୍ୟମରେ ନଅ ଜଣ ସଭ୍ୟଙ୍କୁ ନେଇ ପ୍ରାରମ୍ଭ ହୋଇଥାଏ, ସେହି ମାନଙ୍କର କାର୍ଯ୍ୟର ସୀମା କେବଳ ସ୍ଥାନୀୟ ବାହା'ଇ ବସତିର ବ୍ୟାପାରାବଳୀର ପରିଚାଳନା ଅଟେ । ଏହି ସ୍ଥାନୀୟ ଅନୁଷ୍ଠାନକୁ ସ୍ଥାନୀୟ ଆଧ୍ୟାତ୍ମିକ ସଭା କୁହାଯାଏ ।

ବାହା'ଇ ଧର୍ମ ଏବ ମିଳିତ ଜାତିସଂଘ :



ବାହା'ଇ ଧର୍ମ ମିଳିତ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟ ଠାରେ ରାଷ୍ଟ୍ରୀୟ ଏବଂ ଅନ୍ତ-ରାଷ୍ଟ୍ରୀୟ ସ୍ତରରେ 1948 ମସିହା ଠାରୁ ଏକ ବେସରକାରୀ (NGO) ଭାବରେ ପ୍ରତିନିଧିତ୍ୱ କରିଆସିଛି । ଏହାର, ଅର୍ଥନୈତିକ ତଥା ସାମାଜିକ ପରିଷଦ (ECOSOC) ଏବଂ ଅନ୍ତ-ରାଷ୍ଟ୍ରୀୟ ଶିଶୁପାଣ୍ଠି (UNICEF) ଅନୁଷ୍ଠାନମାନଙ୍କ ସହିତ ପରାମର୍ଶ କାଳୀନ କ୍ଷମତା ରହିଛି । ଅଧିକନ୍ତୁ, ଅନେକ ରାଷ୍ଟ୍ରୀୟ ଆଧ୍ୟାତ୍ମିକ ସଭା ମିଳିତ ଜାତିସଂଘର ସୂଚନା କେନ୍ଦ୍ର ଗୁଡିକର କାର୍ଯ୍ୟାଳୟ ସହିତ ଆନୁଷ୍ଠାନିକ ଭାବରେ ତାଲିକାଭୁକ୍ତ ହୋଇଛନ୍ତି ।

ବାହା'ଇ ଧର୍ମର ଆନ୍ତର୍ରାଷ୍ଟ୍ରୀୟ ସ୍ଥିତି :

ବାହା'ଇ ମାନେ ଖୁବ ସୀମିତ ସମୟ 148 ବର୍ଷ ମଧ୍ୟରେ ଏକ ବିଶ୍ୱବ୍ୟାପୀ ବସତି ପ୍ରତିଷ୍ଠା କରିଛନ୍ତି । 400 ଟି ଦେଶ, ଉପନିବେଶ ଏବଂ ଦ୍ୱୀପପୁଞ୍ଜରେ 1820 ଠାରୁ ଊର୍ଦ୍ଧ୍ୱ ଭିନ୍ନ ଜାତିର ଲୋକମାନେ ବାହା'ଇ ଧର୍ମର ଅନୁଗାମୀ ହୋଇଛନ୍ତି । ବାହା'ଇ ସାହିତ୍ୟ 802 ଗୋଟି